# Akashvani, Sambalpur

## SAMBALPURI NEWS EVENING BULLETIN

## 13 June 2024- 7.02 pm- 7.12 pm.

*********************************************

୧- ରାଜ୍ୟ କେବିନେଟ୍‌ର ନିଷ୍ପତି ଅନ୍‌ସାରେ ପୁରୀ ଶ୍ରୀମନ୍ଦିର୍‌ର ଖୁଲ୍‌ଲା ଚାର୍‌ହି ଦୁଆର୍ ।

୨- କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଆଏଜ୍ ଦାୟିତ୍ୱ ନେଲେ ଧର୍ମେନ୍ଦ୍ର ପ୍ରଧାନ୍ ।

୩- ନିଟ୍ ୟୁଜି ମେଡ଼ିକାଲ୍ ପ୍ରବେଶିକା ପରୀକ୍ଷାଥି ୧ ହଜାର୍ ୫ ଶହ ୬୩ ଝନ୍ ପରୀକ୍ଷାର୍ଥୀଙ୍କର୍ ଗ୍ରେସ୍ ମାର୍କ ବାତିଲ୍ ।

୪- ଓଡ଼ିଶା ଡାକବିଭାଗ୍ ନିଯୁକ୍ତିଥି ସାର୍ଟିଫିକେଟ୍ ଜାଲିଆତି ଅଭିଯୋଗ୍ ନେଇକରି ସିବିଆଇର ଚଢ଼ଉ ।

ଆଉର୍

୫- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୩ - ୪ ଦିନ୍ ଭିତ୍‌ରେ  ପୁହୁଁଚିବା ରାଜ୍ୟର୍ ଆଉ କେତେ ଇଲାକାକେ-କହେଲା ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

ଶ୍ରୀମନ୍ଦିର୍- ଚାର୍‌ହି ଦୁଆର ଖୁଲା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ କେବିନେଟ୍‌ର ନିଷ୍ପତି ଅନ୍‌ସାରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍‌ର ୪ ଟା ଦୁଆର ଖୁଲାଯାଇଛେ । ଆଏଜ୍ ସଖାଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ମନ୍ତ୍ରୀ ପରିଷଦ୍‌ର ସବୁ ସଦସ୍ୟଙ୍କର୍ ଉପସ୍ଥିତିଥି ଶ୍ରୀମନ୍ଦିର୍‌ର ଚାର୍‌ହି ଦୁଆର ଖୁଲାଯାଇଥିଲା । ମୁଖ୍ୟମନ୍ତ୍ରୀ ଆଉ ଅଲ୍‌ଗା ମନ୍ତ୍ରୀମାନେ ମଙ୍ଗଲ୍‌ଆଲତୀ ଦର୍ଶନ୍ କରିକରି ଶ୍ରୀମନ୍ଦିର୍ ପରିକ୍ରମା ମାର୍ଗ ବୁଲି ଦେଖିଥିଲେ । ଭକ୍ତ ଆଉ ଶ୍ରଦ୍ଧାଲୁମାନେ ଯେନ୍ତା ଶୃଙ୍ଖଲିତ୍ ଭାବେ ଶ୍ରୀଜୀଉଙ୍କୁ ଦର୍ଶନ୍ କରିପାର୍‌ବେ ସେ ବାବ୍‌ଦେ ସର୍‌କାର୍ ସବୁ ବ୍ୟବସ୍ଥା କର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, କୋଭିଡ୍ ଉତ୍‌ରୁ ଶ୍ରୀମନ୍ଦିର୍‌ର ୪ ଟା ଦୁଆର ଭିତ୍‌ରୁ ୩ ଟା ଦୁଆରକେ ବନ୍ଦ୍ ରଖାଯାଇଥିଲା । ଖାଲି ସିଂହଦୁଆର ବାଟେ ଭକ୍ତମାନେ ମନ୍ଦିର୍ ଭିତର୍‌କେ ପଶିପାରୁଥିଲେ । ଶ୍ରୀମନ୍ଦିର୍‌ର ଚାର୍‌ହି ଦୁଆର ଖୁଲ୍‌ବାର୍ ଉତ୍‌ରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗୁଟେ ଟ୍ୱିଟ୍ କରିଆଥି କହିଛନ୍ ଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ଆଶିର୍ବାଦ୍ ନୁ ଅଗଣିତ ଭକ୍ତଙ୍କର୍ ଭାବାବେଗକେ ସମ୍ମାନ୍ ଜନେଇକରି ଚାର୍‌ହି ଦୁଆର ଖୁଲାଯାଇଛେ ।

ମୁଖ୍ୟମନ୍ତ୍ରୀ- ସୁଆଣ୍ଡୋ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ପଣ୍ଡିତ ଗୋପବନ୍ଧୁ ଦାସଙ୍କର୍ ଜନ୍ମସ୍ଥାନ୍ ସୁଆଣ୍ଡୋ ଯାଇକରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ତାଙ୍କର୍ ସଙ୍ଗେ ମନ୍ତ୍ରିମଣ୍ଡଲ୍‌ର ସଦସ୍ୟ ଆଉ ସାଂସଦ୍‌ମାନେ ଭିଲ୍ ଯାଇକରି ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୁଆଣ୍ଡୋ ଗାଁର୍ ଲୁକ୍‌କର୍ ସଙ୍ଗେ ଭିନ୍ ଭିନ୍ ବିଷେଥି ଆଲୋଚନା କର୍‌ବାର୍ ସହେତେ ରାଜ୍ୟ ସର୍‌କାର୍ ଆଏବା ଶହେ ଦିନ୍ ଭିତ୍‌ରେ ସମୃଦ୍ଧ କୃଷକ୍ ନୀତି ଆନ୍‌ବେ ବଲି କହିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍- ମନ୍ତ୍ରୀ ଦାୟିତ୍ୱ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଦାୟିତ୍ୱ ନେଇଛନ୍ । ଶ୍ରୀ ପ୍ରଧାନ୍ ଦାୟିତ୍ୱ ନେବାର୍ ଉତ୍‌ରୁ ଗଣମାଧ୍ୟମ୍‌କେ କହିଛନ୍ ଯେ, ଓଡ଼ିଶା ସହେତେ ଦେଶେ ଜାତୀୟ ଶିକ୍ଷାନୀତିର କ୍ରିୟାନ୍ୱୟକେ ତୁର୍‌ତି କରାଯିବା । ଖାସ୍ କରି ଓଡ଼ିଶା ନ ନୂଆଁକରି ହେଇଥିବା ବିଜେପି ସର୍‌କାର୍ ସହଯୋଗ୍ ପିଏମ୍‌ଶ୍ରୀ ସ୍କୁଲ୍ ଆଉ ପିଏମ୍ ଉଷାକେ କାର୍ଯ୍ୟକାରୀ କରାଯିବାର୍ ସହେତେ ଶିକ୍ଷାର୍ ଭିତିଭୂମିକେ ବର୍‌କସ୍ କରାଯିବା । ସେନ୍ତା ପିଏମ୍‌ଶ୍ରୀ ଯୋଜ୍‌ନାଥି ଓଡ଼ିଶାର୍ ୮ ଶହ ଟା ସର୍‌କାରୀ ସ୍କୁଲ୍‌କେ ପିଏମ୍‌ଶ୍ରୀ ସ୍କୁଲ୍‌ଥି ବିକଶିତ୍ କରାଯିବାର୍ ସହେତେ ୧ ହଜାର୍ ୬ ଶହ କୋଟିନୁ

ଅଏତ୍‌କା ଟଙ୍କା ଦିଆଯିବା । ଇତାର୍‌ଛଡ଼ା ବାଲ୍‌ବାଟିକା ନ ମୁଲ୍ କରିକରି ଗବେଷଣା କ୍ଷେତ୍ରଥି ସବୁ କାମ୍‌କେ ତୁର୍‌ତି କରାଯିବା । ବୈଷୟିକ , ମେଡ଼ିକାଲ୍ ଆଉ ସ୍କିଲ୍ ଶିକ୍ଷା ଉପ୍‌ରେ ଜୋର୍ ଦିଆଯିବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ନିଟ୍ ୟୁଜି- ସୁପ୍ରିମ୍‌କୋର୍ଟ ଆର୍‌ଏନ୍‌ୟୁ/ କଟକ୍

ନିଟ୍ ୟୁଜି ମେଡ଼ିକାଲ୍ ପ୍ରବେଶିକା ପରୀକ୍ଷାଥି ୧ ହଜାର୍ ୫ ଶହ ୬୩ ଝନ୍ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କ ବାତିଲ୍ କରାଯାଇଛେ । ଆଏଜ୍ କେନ୍ଦ୍ର ସର୍‌କାର୍ ଇ ବାବ୍‌ଦେ ସୁପ୍ରିମ୍‌କୋର୍ଟଙ୍କୁ ଜନେଇଛନ୍ । ଜଷ୍ଟିସ୍ ବିକ୍ରମ୍ ନାଥ ଆଉ ଜଷ୍ଟିସ୍ ସଞ୍ଜିବ୍ ମେହେଟାଙ୍କୁ ନେଇକରି ଗଠିତ୍ ହେଇଥିବା ଅବକାଶକାଳୀନ ଖଣ୍ଡପୀଠ ଇ ମାମ୍‌ଲାର୍ ଶୁଣାଣି କରିଛନ୍ । ଜାତୀୟ ପରୀକ୍ଷଣ୍ ସଂସ୍ଥା ଏନ୍‌ଟିଏ ତର୍‌ଫୁ କୁହାଯାଇଛେ ଯେ, ଯେନ୍ ପରୀକ୍ଷାର୍ଥୀମାନ୍‌କୁ ଗ୍ରେସ୍ ମାର୍କ ଦିଆଯାଇଛେ ସେମାନେ ଆଏବା ୨୩ ତାରିଖ୍ ଦିନ ଫେର୍‌ଘାଏ ପ୍ରବେଶିକା ପରୀକ୍ଷା ଦେଇପାର୍‌ବେ । ଆଏବା ୩୦ ତାରିଖ୍‌ତକ୍ ଇ ପରୀକ୍ଷାଫଲ୍ ବାହାର୍‌ବା । ଯଦି ସେହି ଛାତ୍ରଛାତ୍ରୀଙ୍କର୍ ଭିତ୍‌ରୁ କେହି ଇ ପରୀକ୍ଷା ନାଇଁ ଦିଅନ୍ ହେଲେ ସେ ଜାଗା ନ ଗ୍ରେସ୍ ମାର୍କ ବିନା ମାର୍କସିଟ୍ ଦିଆଯିବା । ହେଲେ ସୁପ୍ରିମ୍‌କୋର୍ଟ ଫେର୍‌ଘାଏ ନିଟ୍ କାଉନ୍‌ସେଲିଂ ଉପ୍‌ରେ ରୋକ୍ ଲଗାବାର୍‌କେ ମନା

କରିଦେଇଛନ୍ । ଇ ମାମ୍‌ଲାଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ଯେ, ନିଟ୍ ୟୁଜି ପ୍ରବେଶିକା ପରୀକ୍ଷାଥି କେନ୍‌ସି ଅନିୟମିତତା ନାଇଁ ହେଇ ।

ଡକ୍ଟର୍ ପ୍ରମୋଦ୍ କୁମାର୍ ମିଶ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ଡକ୍ଟର୍ ପ୍ରମୋଦ୍ କୁମାର୍ ମିଶ୍ରଙ୍କୁ ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରମୁଖ ଶାସନ୍ ସଚିବ ଭାବେ ଗଲା ୧୦ ତାରିଖ୍‌ନୁ ଫେର୍‌ଘାଏ ନିଯୁକ୍ତି ଦିଆଯାଇଛେ । କେବିନେଟ୍‌ର ନିଯୁକ୍ତି କମିଟି ତାଙ୍କର୍ ଇ ନିଯୁକ୍ତିକେ ଅନୁମୋଦନ୍ କରିଛନ୍ । ତାଙ୍କର୍ କାର୍ଯ୍ୟକାଳ ଭିତ୍‌ରେ ତାଙ୍କୁ କେବିନେଟ୍ ମନ୍ତ୍ରୀ ପାହ୍ୟା ଦିଆଯାଇଛେ ।

ରାଜ୍ୟ ସଚିବାଳୟ- ସାମ୍ବାଦିକ ପ୍ରବେଶ୍ ଅନୁମତି

ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସଚିବାଳୟ ଆଉ ଲୋକ୍‌ସେବା ଭବନ୍‌କେ ସାମ୍ବାଦିକ୍‌ମାନ୍‌କର୍ ଯିବାର୍‌କେ ଅନୁମତି ଦିଆଯାଇଛେ । ୨୦୨୦ ନୁ କୋଭିଡ୍ ଲାଗି ଲୋକ୍‌ସେବା ଭବନ୍‌କେ ସାମ୍ବାଦିକ୍‌ମାନ୍‌କର୍ ଯିବାର୍ ଉପ୍‌ରେ କଟ୍‌କନା ଲଗାଯାଇଥିଲା । ରାଏଜେ ଗଲାକାଏଲ୍ ନୂଆଁ ସର୍‌କାର୍

ଗଠନ୍ ହେବାର୍ ଉତ୍ରୁ ଇ ପ୍ରତିବନ୍ଧକ୍ ହଟେଇ ଦିଆଯାଇଛେ ।

ଓଡ଼ିଶା ଡାକବିଭାଗ- ସିବିଆଇ ଆର୍ଏନ୍ୟୁ/ କଟକ୍

ଓଡ଼ିଶା ଡାକ ବିଭାଗ୍ ନିଯୁକ୍ତିଥି ସାର୍ଟିଫିକେଟ୍ ଜାଲିଆତି ଅଭିଯୋଗ୍ଥି ଆଏଜ୍ କେନ୍ଦ୍ରୀୟ ତଦନ୍ତ୍ ବ୍ୟୁରୋ-ସିବିଆଇ ତର୍ଫୁ ୬୭ ଟା ଜାଗାଥି ଚଢ଼ାଉ ମୁଲ୍ କରାଯାଇଛେ । ରାଜ୍ୟର୍ କଲାହାଣ୍ଡି, ନୂଆପଡ଼ା, ରାୟଗଡ଼ା, ନବରଙ୍ଗ୍ପୁର୍, କନ୍ଧମାଲ୍, କେନ୍ଦୁଝର୍, ମୟୁର୍ଭଞ୍ଜ୍, ବାଲେଶ୍ୱର୍ ଆର୍ ଭଦ୍ରକ୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଇ ଚଢ଼ାଉ କରାଯାଇଛେ । ଗଲାବଛର୍ ଓଡ଼ିଶା ଡାକମଙ୍ଗଲ୍ ନ ଗ୍ରାମୀଣ ଡାକସେବକ ପରୀକ୍ଷାଥି ୧ ହଜାର୍ ୩ ଶହ ୮୨ ଟା ପଦ୍ବୀ ଲାଗି ପରୀକ୍ଷା ହେଇଥିଲା । ଇଥିର୍ଲାଗି ସବୁଠାନୁ କମ୍ ଶିକ୍ଷାଗତ ଯୋଗ୍ୟତା ୧୦ କ୍ଲାସ୍ ପାସ୍ ରଖାଯାଇଥିଲା । ସାର୍ଟିଫିକେଟ୍ ଯାଂଚ୍ ସମିଆଥି ୬୩ ଝନ୍ ପରୀକ୍ଷାର୍ଥୀ ନକ୍ଲି ୧୦ କ୍ଲାସ୍ ପ୍ରମାଣ୍ପତ୍ର ଦାଖଲ୍ କରିଥିବା ଜନାପଡ଼୍ବାର୍ ଉତ୍ରୁ ସିବିଆଇ ନ ମାମ୍ଲା ରୁଜୁ କରାଯାଇଥିଲା ।

କ୍ଷେତ୍ରୀୟ ଡାକ୍ ଅଦାଲତ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ କ୍ଷେତ୍ରୀୟ ଡାକ୍ ଅଦାଲତ୍ ଆଏବା ୨୭ ତାରିଖ୍ ଗୁରୁବାର୍ ଦିନ ସମ୍ବଲ୍‌ପୁର୍‌ର ପୋଷ୍ଟ୍‌ମାଷ୍ଟର୍ ଜେନେରାଲ୍‌ଙ୍କର୍ କାର୍ଯ୍ୟାଳୟ ନ ହେବା । ଲୁକେ ସେମାନ୍‌କର୍ ଅଭିଯୋଗ୍ ମାନ୍‌କେ ପହେଲା ଡିଭିଜନ୍‌ସ୍ତରୀୟ ଡାକ୍ ଅଦାଲତ୍ ନ ଉପସ୍ଥାପିତ୍ କର୍‌ବେ । ଯଦି ସେଠାନେ ସନ୍ତୋଷ୍ ଜନକ୍ ସମାଧାନ୍ ନାଇଁ ପାଇପାର୍‌ଲେ କ୍ଷେତ୍ରୀୟ ଡାକ୍ ଅଦାଲତ୍ ନ ସେମାନ୍‌କର୍ ଅଭିଯୋଗ୍ ଉପସ୍ଥାପନ୍ କରିପାର୍‌ବେ । ଇଥିର୍‌ଲାଗି ଡାକ୍ ଘର୍ କାର୍‌ବାର୍ ବାବଦ୍ ଅଭିଯୋଗ୍‌କେ ୩ କିତା କରିକରି ଅଭିଯୋଗ୍‌କାରୀଙ୍କର୍ ନାଁ, ପୁରା ଡାକ୍ ଠିକ୍‌ନା ସହେତେ ସେ ଡିଭିଜନ୍‌ର ଡାକ୍‌ଘର୍ ସୁପରିଟେଣ୍ଡେଣ୍ଟ୍ ନାହେଲେ ସହାୟକ ଡାକ ନିର୍ଦ୍ଦେଶକ, ପୋଷ୍ଟମାଷ୍ଟର୍ ଜେନେରାଲ୍‌ଙ୍କର୍ ଠିକ୍‌ନାଥି ଆଏବା ୨୨ ତାରିଖ୍‌ତକ୍ ପଠାବାର୍‌କେ ହେବା । ୨୨ ତାରିଖ୍ ଉତ୍‌ରୁ ମିଲିଥିବା ଅଭିଯୋଗ୍‌ମାନ୍‌କେ ବିଚାର୍‌କେ ନାଇଁ ନିଆଯାଏ ।

ଏନ୍‌ସିସି କେଡ଼େଟ୍ ତାଲିମ୍ ଆର୍‌ଏନ୍‌ୟୁ/ କଟକ୍

ଦୁର୍ଘଟଣାଗସ୍ତ ଲୋକ୍‌ମାନ୍‌କୁ ଜଲ୍‌ଦି ପ୍ରାଥମିକ ଚିକିତ୍ସା ଯୁଗେଇ ଦେବାର୍ ସହେତେ ମେଡ଼ିକାଲ୍‌ଥି ଭର୍ତି କର୍‌ବାର୍ ଆଉ ଆହତ୍‌ମାନ୍‌କର୍ ଜୀବନ୍ ରକ୍ଷା କର୍‌ବାର୍ ଲାଗି ରାଜ୍ୟର୍ ୪

ଶହ ୨୦ ଝନ୍ ଏନ୍‌ସିସି କେଡ଼େଟ୍‌ଙ୍କୁ ଜୁନିଅର୍ ରକ୍ଷକ ଶିବିର ଅଧୀନ୍‌ଥି ତାଲିମ୍ ଦିଆୟାଇଛେ । କଟକ୍ ଆଂଚଲିକ୍ ପରିବହନ୍ ଅଧିକାରୀଙ୍କର୍ ତର୍‌ଫୁ ଭିନ୍ ଭିନ୍ କଲେଜ୍‌ର ଏନ୍‌ସିସି ଛାତ୍ରଛାତ୍ରୀମାନ୍‌କର୍ ଜଗତ୍‌ପୁର୍‌ର ଲକ୍ଷ୍ମୀନାରାୟଣ୍ ସାହୁ କଲେଜ୍ ନ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ହେଇୟାଇଛେ । ରାଜ୍ୟ ପରିବହନ୍ ପ୍ରାଧିକରଣ୍ ୩ ନମ୍ବର୍ ଓଡ଼ିଶା ନାଭାଲ୍ ୟୁନିଟ୍ ଆଉ ଏନ୍‌ସିସି ତର୍‌ଫୁ ଇ ତାଲିମ୍ ଦିଆୟାଇଛେ । ଇଥି ସଡ଼କ୍ ଟ୍ରାଫିକ୍ ସିଗ୍‌ନାଲ୍, ଦୁର୍ଘଟଣାର୍ କାରଣ୍ ଆଉ ନିରାକରଣ୍ ଆଉ ଦୁର୍ଘଟଣା ଲାଗି ମୃତ୍ୟୁ ରୁକ୍‌ବାର୍ ଉପେ ବାବ୍‌ଦେ ତାଲିମ୍ ଦିଆୟାଇଥିଲା ।

ଆଇଟିଇପି ପରୀକ୍ଷା ବାତିଲ୍ ଆର୍‌ଏନ୍‌ୟୁ/ କଟକ୍

ବୈଷୟିକ ତ୍ରୁଟି ଲାଗି ସମନ୍ୱିତ ଶିକ୍ଷକ୍ ଶିକ୍ଷା ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ବାତିଲ୍ କରାୟାଇଛେ । ଗଲାକାଏଲ୍ କେତେଟା କେନ୍ଦ୍ର ନ ପରୀକ୍ଷା ମୁଲ୍ ହେଇଥିବାର୍ ବେଲେ ଆଉ କେତେଟା କେନ୍ଦ୍ର ନ ବୈଷୟିକ ତ୍ରୁଟି ଲାଗି ପରୀକ୍ଷା ଆରମ୍ଭ୍ ନାଇଁ ହେଇପାରିଥିଲା । ଇ ପରୀକ୍ଷା କରୁଥିବା ଜାତୀୟ ପରୀକ୍ଷଣ୍ ସଂସ୍ଥା- ଏନ୍‌ଟିଏ - ସବୁ କେନ୍ଦ୍ରର୍ ପରୀକ୍ଷାକେ ବାତିଲ୍ କରାୟାଇଥିବା ସୂଚ୍‌ନା ଦେଇଛେ । କେନ୍ଦ୍ରୀୟ ଆଉ ରାଜ୍ୟ ବିଶ୍ୱବିଦ୍ୟାଳୟ ଆଇଆଇଟି, ଏନ୍‌ଆଇଟି, ଆଂଚଲିକ୍ ଶିକ୍ଷା ପ୍ରତିଷ୍ଠାନ୍ ଆଉ ସର୍‌କାରୀ

ମହାବିଦ୍ୟାଳୟ ନ ୪ ବର୍ଷିଆ ସମନ୍ୱିତ ଶିକ୍ଷକ୍ ଶିକ୍ଷା ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ଇ ପରୀକ୍ଷା ହେଉଥିଲା । ଇଥିର୍‌ଲାଗି ୪୦ ହଜାର୍ ୨ ଶହ ୩୩ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବାର୍‌କେ ପଞ୍ଜିକରଣ୍ କରିଥିବାର୍ ବେଲେ ଦେଶର୍ ଶହେ ୬୦ ସହରର୍ ୨ ଶହ ୯୨ ଟା ପରୀକ୍ଷା କେନ୍ଦ୍ରଥି ପରୀକ୍ଷା ହେବାର୍ ଥିଲା । ଇ ପରୀକ୍ଷା ବାତିଲ୍ ହେବାର୍ ଉତ୍‌ରୁ ପରୀକ୍ଷା ତାରିଖ୍ ଏନ୍.ସି.ଇ.ଟି. ୱେବ୍‌ସାଇଟ୍‌ଥି ବାହାର୍‌ବା ବଲି ଏନ୍‌ଟିଏ ତର୍‌ଫୁ କୁହାଯାଇଛେ ।

ଆଇନ୍ ସଚେତନତା ସଭା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ବୀରନରସିଂହପୁର୍ ନ ଥିବା ରାମକୃଷ୍ଣ ବାଳାଶ୍ରମ୍ ଠାନେ ଗୁଟେ ଆଇନ୍ ସଚେତନତା ସଭା ହେଇଯାଇଛେ । ଇଥି ଛୁଆମାନ୍‌କର୍ ସୁରକ୍ଷା ଲାଗି ଶିଶୁ ଶ୍ରମନିଷେଧ ନିୟମାବଲୀ, ମାହାଲିଆ ଆଉ ବାଧ୍ୟତାମୂଲକ୍ ଶିକ୍ଷାଗତ ଅଧିକାର୍ ବାଗିର୍ ଭିନ୍ ଭିନ୍ ଆଇନ୍ ବାବ୍‌ଦେ ସଚେତନ୍ କରାଯାଇଥିଲା । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ସଚିବ ଶାଶ୍ୱତି ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଛୁଆମାନ୍‌କର୍ ସୁରକ୍ଷା ଆଉ ସେମାନ୍‌କର୍ ଉନ୍ନତି ଲାଗି

ଥିବା ସରକାରଙ୍କର ଭିନ୍ ଭିନ୍ ଆଇନ୍ ବାବଦେ ସଚେତନ୍ କରାଯାଇଥିଲା ।

ଜାତୀୟ ଭାରୋତ୍ତଳନ ପ୍ରତିଯୋଗିତା

ଆର୍ଏନ୍ୟୁ/ କଟକ୍

ଜାତୀୟ ଭାରୋତଳନ ପ୍ରତିଯୋଗିତାଥି ଓଡ଼ିଶା ଦଲ୍‌କେ ୯ ଟା ପଦକ୍ ମିଲିଛେ । ସେଥିର୍‌ଭିତ୍‌ରେ ୩ ଟା ସ୍ୱର୍ଣ୍ଣ, ୪ ଟା ରୌପ୍ୟ ଆଉ ୨ ଟା କାଂସ୍ୟ ପଦକ୍ ରହିଛେ । ରାଜସ୍ଥାନ୍‌ର ଗଙ୍ଗନଗର୍ ନ ହେଇଥିବା ଇ ପ୍ରତିଯୋଗିତାଥି ୮୪ କେଜିନୁ ଅଏତ୍‌କା ବର୍ଗଥି ଆକାଂକ୍ଷା ପରିଡ଼ା ସ୍ୱର୍ଣ୍ଣପଦକ୍ ଜିତିଥିବାର୍ ବେଲେ ପୁରୁଷ ଶହେ ୨୦ କେଜି ନୁ ଅଏତ୍‌କା ବର୍ଗଥି ରୋହିତ୍ ପାତ୍ର ଆର୍ ୬୬ କେଜି ଅଏତ୍‌କା ବର୍ଗଥି ସୋମେନ୍ ସେନାପତି ସ୍ୱର୍ଣ୍ଣପଦକ୍ ଜିତିଛନ୍ । ପ୍ରତିଯୋଗିତାଥି ଓଡ଼ିଶାର୍ ଶ୍ରାବଣୀ ଜେନା, ଅନନ୍ୟା ଅନିନ୍ଦିତା ଗିରି, ନିଶାକାନ୍ତ ମଣ୍ଡଳ ଆଉ ପ୍ରିୟବ୍ରତ ବିଶୋଇ ରୌପ୍ୟ ପଦକ୍ ଜିତିଛନ୍ । ସେନ୍ତା ଆଶିଷ୍ ସାହୁ ଆଉ ଅମ୍ଲାନ୍ ମହାନ୍ତି କାଂସ୍ୟ ପଦକ୍ ପାଇଛନ୍ । ଇଥି ଓଡ଼ିଶାର୍ ମୋଟ୍ ୨୪ ଝନ୍ ପ୍ରତିଯୋଗୀ ଭାଗ୍ ନେଇଥିଲେ ।

କଲାହାଣ୍ଡି କପ୍ କ୍ରିକେଟ୍ ଆର୍ଏନ୍ୟୁ/ କଟକ୍

ଓଡ଼ିଶା କ୍ରିକେଟ୍ ଏସୋସିଏସନ୍ ତରଫ୍ରୁ ହେଇଥିବା କଲାହାଣ୍ଡି କପ୍ ସୁପର୍ ଲିଗ୍ ପର୍ଯ୍ୟାୟଥି ଓଡ଼ିଶା-ସି ଦଲ୍ ପୂର୍ବତଟ ରେଲ୍‌ବାଇକେ ୧୫ ରନ୍‌ଥି ହରେଇଛେ । ସେନ୍ତା ଅଲ୍‌ଗା ଆଉ ଗୁଟେ ମେଚ୍‌ଥି କଟକ୍-ଏ ଦଲ୍ ଅବଶିଷ୍ଟ ଓଡ଼ିଶା-ଏ ଦଲ୍‌କେ ହରେଇଛେ । ଆଉ ଗୁଟେ ମେଚ୍‌ଥି ଭୁବ୍‌ନେଶ୍ୱର୍-ଏ - ଅବଶିଷ୍ଟ ଓଡ଼ିଶା-ଡି ଦଲ୍‌କେ ଶହେ ୬ ରନ୍‌ଥି ହରେଇଥିବାର୍ ବେଲେ ଅବଶିଷ୍ଟ ଓଡ଼ିଶା-ବି ଦଲ୍-ବାଲେଶ୍ୱର୍‌କେ ଶହେ ୩ ରନ୍‌ଥି ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଦକ୍ଷିଣ ପର୍ଶ୍ଚିମ ମୌସୁମୀ ବାୟୁ ଆଏବା ୩ ନୁ ୪ ଦିନ୍ ଭିତ୍‌ରେ ରାଜ୍ୟର୍ କିଛି ଇଲାକାକେ ପୁହୁଁଚିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର କହିଛେ । ସୂଚ୍‌ନା ଅନ୍‌ସାରେ ମୌସୁମୀ ପୁହୁଁଚିବାର୍‌ତକ୍ ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ବଲାଙ୍ଗିର୍, ନୂଆପଡ଼ା, ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଆଉ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ସହେତେ ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ଗୁଲ୍‌ଗୁଲି ହେବା । ସେଆଡ଼େ ଉତର୍ ଆଭ୍ୟନ୍ତରିଣ ଓଡ଼ିଶାର୍ କେତେଟା ଜାଗା ନ କାଲ୍‌ବୈଶାଖୀ ପ୍ରଭାବ୍‌ଥି ବର୍ଷା ଆଉ ଘଂଟା କ ୩୦ ନୁ ୪୦

କିଲୋମିଟର୍ ବେଗଥିବା ପବନ୍ ବୁହିବାର୍ ସମ୍ଭାବନା ରହିଥିବାର୍ ପାଣିପାଗ୍ ବିଭାଗ୍ କହିଛେ ।